## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ବାହାନଗା,(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଧୀନ ୧୬ନଂ. ଜାତୀୟ ରାଜପଥର ଖନ୍ତାପଡ଼ା ନିକଟରେ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ସୋର ପଠାଣିମହଲାର ସେକ୍ ମମତାଜ। ମମତାଜ ବାଲେଶ୍ୱରରେ ବ୍ୟବସାୟ କରିଥାନ୍ତି। ଦୋକାନ ବନ୍ଦ କରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଖନ୍ତାପଡ଼ା ନିକଟରେ ପିକ୍‌ଅପ୍ ଭ୍ୟାନ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ସଂକ୍ଷେପରେ

### ଗାଡ଼ି ଚାଳନା ବେଳେ ଜୀବନ ଗଲା

ଭଣ୍ଡାରିପୋଖରୀ, ୪।୧୧ (ସ୍ୱ.ପ୍ର.)- ମୃତ୍ୟୁ କେତେବେଳେ କେଉଁଠି ଆସିବ ତାହା କହିହେବ ନାହିଁ। ଗାଡ଼ି ଚାଳନା ବେଳେ ଜଣେ ବସ୍ ଡ୍ରାଇଭରଙ୍କ ଜୀବନ ଯାଇଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାର ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥରେ ଗୁରୁବାର ଅପରାହ୍ନରେ ଏଭଳି ଘଟଣା ଘଟିଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୩ଟା ବେଳେ ଏକ ବସ୍ ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ୫୦ରୁ ଅଧିକ ଯାତ୍ରୀଙ୍କୁ ନେଇ ବସ୍ ଯାଉଥିବା ବେଳେ ଡ୍ରାଇଭର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ହୃଦ୍‌ଘାତ ବୋଲି ଡ୍ରାଇଭର ଅନୁଭବ କରିବା ସହ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବସ୍‌ଟିକୁ ରାସ୍ତାରେ ଠିଆ କରିଥିଲେ। ଏହାମଧ୍ୟରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପ୍ରାୟ ଆସନ୍ନ ହୋଇଥିଲେ ସୁଦ୍ଧା ଅନେକ ଯାତ୍ରୀଙ୍କୁ ବଞ୍ଚାଇଥିବା ଡ୍ରାଇଭରଙ୍କ ପାଇଁ ଶୋକର ବାତାବରଣ ସୃଷ୍ଟି ହୋଇଥିଲା।

### ୧୪ କୁଇଣ୍ଟାଲ କୋଇଲା ଜବତ

ପଦ୍ମପୁର, ୪।୧୧ (ଡି.ଏନ୍.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଚୋରା ଚାଲାଣ ହେଉଥିବା ବେଳେ ୧୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କୋଇଲା ସହ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏଥିସହ ଗାଡ଼ି ଚାଳକ ମନ୍ଦାରୀ ଗ୍ରାମର ସୁନୀଲ ଅରବିନ୍ଦ ମହାଳିକଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ତିହିଡ଼ି ଅଞ୍ଚଳରୁ ଚୋରା କୋଇଲା ବୋଝେଇ ଏକ ଗାଡ଼ି ଆସୁଥିବା ଖବରପାଇ ନାୟକାଣିଡିହୀ ଥାନା ଏଏସ୍‌ଆଇ ସୁନାରାମ ମାରାଣ୍ଡି ଓ ପ୍ରଭାସିନୀ ମହାପାତ୍ର ମିଶ୍ରପୁର ଛକରେ ଜଗି ରହିଥିଲେ। ଗାଡ଼ିଟି ବାସୁଦେବପୁର ଆଡ଼କୁ ଯାଉଥିବା ବେଳେ ସେମାନେ ଅଟକାଇ ଥାନାକୁ ନେଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୨୫୫/୨୨) ରୁଜୁ ହୋଇଛି। ଗିରଫ ଚାଳକଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ।

### ବାଲି ବୋଝେଇ ଗାଡ଼ିରୁ ୪୬ ହଜାର ଜରିମାନା ଆଦାୟ

ଭୋଗରାଇ,୪।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ବିଭିନ୍ନ ସ୍ଥାନରୁ ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡା ଓ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ବେଆଇନ୍ ଭାବେ ବାଲି ବୋଝେଇ ଡମ୍ଫର ଓ ଟ୍ରାକ୍ଟର ଜବତ କରିଛନ୍ତି। କୌଣସି କାଗଜପତ୍ର ବୈଧ ନ ଥିବାରୁ ୪୬ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ବାବାଦକୁ ଆଦାୟ କରାଯାଇଛି। ୩ଟି ଟ୍ରାକ୍ଟର ଚାଳକଙ୍କ ବିରୋଧରେ ଜରିମାନା କଟା ଯାଇଥିବା ବେଳେ ଗୋଟିଏ ଜେସିବି ଓ ଅନ୍ୟ ଏକ ଟ୍ରାକ୍ଟର ବାଲି ବୋଝେଇ ଗାଡ଼ିକୁ ଜରିମାନା କଟାଯିବାକୁ ନେଇ ତହସିଲରେ ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଛି। ଅପରପକ୍ଷରେ ଟ୍ରାକ୍ଟର ଚାଳକ ଓ ମାଲିକମାନେ ଟ୍ରାକ୍ଟରରେ ରୟାଲିଟି ୧୫ହଜାର ଦେଉଥିବା ବେଳେ ପ୍ରଶାସନ ପୁଣି ଜରିମାନା କାଟିବା ଗରିବଙ୍କ ପେଟରେ ନାତ ମାରିବା ସହ ସମାନ ବୋଲି ଅଭିଯୋଗ ହୋଇଛି। ପ୍ରଶାସନ ଏଭଳି କାର୍ଯ୍ୟରୁ ନିବୃତ୍ତ ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

### କ୍ରେନ୍‌ରେ ଭିଡ଼ାହେଲା ଆମ୍ବୁଲାନ୍ସ

ବେତନଟୀ,୪।୧୧(ସ୍ୱ.ପ୍ର.): ଅଧାବାଟରେ ଖରାପ ହୋଇଗଲା ରୋଗୀ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସ କ୍ରେନ୍ ଯୋଗେ ଭିଡ଼ାହୋଇ ଗ୍ୟାରେଜକୁ ନିଆଯାଇଥିଲା। ରୋଗୀଙ୍କୁ ଅନ୍ୟ ଏକ ଗାଡ଼ିରେ ମେଡ଼ିକାଲ ପଠାଯାଇଥିବା ଜଣାପଡ଼ିଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ୧୮ନଂ ଜାତୀୟ ରାଜପଥର ବୈଶିଙ୍ଗା-ବେତନଟୀ ମଝି ରାସ୍ତାରେ। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନରେ ବେତନଟୀରୁ ଜଣେ ଗୁରୁତର ରୋଗୀଙ୍କୁ ନେବାକୁ ବାଲେଶ୍ୱର ସଦର ଅଞ୍ଚଳରୁ ଏକ ଆମ୍ବୁଲାନ୍ସ ଆସିଥିଲା। ଦୁର୍ଭାଗ୍ୟବଶତଃ ବାରିପଦା ଅଭିମୁଖେ ଯାଉଥିବା ଉକ୍ତ ୧୦୮ ଆମ୍ବୁଲାନ୍ସଟି ୧୮ନଂ ଜାତୀୟ ରାଜପଥ ଉପରେ ଖରାପ ହୋଇ ଯାଇଥିଲା। କିଛି ଘଣ୍ଟା ପର୍ଯ୍ୟନ୍ତ କର୍ମଚାରୀ ଆମ୍ବୁଲାନ୍ସକୁ ମରାମତି କରିବା ନିମନ୍ତେ ଚେଷ୍ଟା କରିବା ପରେ ମଧ ଆଗକୁ ଗଡ଼ି ପାରି ନ ଥିଲା। ପରେ ଅନ୍ୟ ଏକ ଗାଡ଼ି ସହାୟତାରେ ରୋଗୀଙ୍କୁ ଚିକିତ୍ସାଳୟ ପଠାଯାଇଥିଲା।

# ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଉଚ୍ଛେଦ

ଆନନ୍ଦପୁର,୪।୧୧(ସ୍ୱ.ପ୍ର.)



ଉପସ୍ଥିତ ଅଧିକାରୀ ଓ ସ୍ଥାନୀୟ ବ୍ୟବସାୟୀ।

କେନ୍ଦୁଝର ଜିଲା ଆନନ୍ଦପୁର ଫକୀରମୋହନ ବସ୍‌ଷ୍ଟାଣ୍ଡକୁ ମଡେଲ ବସ୍‌ଷ୍ଟାଣ୍ଡରେ ପରିଣତ କରିବା ପାଇଁ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏ ନେଇ ପରିସରରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନକୁ ଶୁକ୍ରବାର ପ୍ରଶାସନ ଉଚ୍ଛେଦ କରିଛି। ମାତ୍ର ବିନା ଥଇଥାନରେ ଉଚ୍ଛେଦକୁ ନେଇ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ନିର୍ମାଣାଧୀନ ମଡେଲ ବସ୍‌ଷ୍ଟାଣ୍ଡ ପରିସରରେ ରହିଥିବା ବହୁ ବ୍ୟବସାୟ ପ୍ରତିଷ୍ଠାନକୁ ପୂର୍ବରୁ ଉଚ୍ଛେଦ କରାଯାଇଛି। ମାତ୍ର ଖାତା ନଂ. ୧୨୭୯ ଓ ପ୍ଲଟ୍ ନଂ. ୪୯୯୪ରେ ଥିବା ପୌର ପରିଷଦର ଏକ ଗୃହକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ପ୍ରତିଷ୍ଠାନ ଉଚ୍ଛେଦ ହୋଇ ନ ଥିଲା। ଗୁରୁବାର ସନ୍ଧ୍ୟାରେ ପୌର ପରିଷଦ ଚିଠି ନଂ. ୪୬୩୪/୩ ନଭେମ୍ବର୨୦୨୨ ରେ ପ୍ରତିଷ୍ଠାନ କାନ୍ଥରେ ନୋଟିସ୍ ଲଗାଇ ସ୍ଥାନକୁ ଖାଲି କରିବାକୁ କୁହାଯାଇଥିଲା। ଆନନ୍ଦପୁର ତହସିଲକୁ ମଧ୍ୟ ସୂଚନା ଦିଆଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଆନନ୍ଦପୁର ରାଜସ୍ୱ ଅଧିକାରୀ ପ୍ରଦୀପ ପାଢ଼ୀ, ତହସିଲଦାର ମାନସ ତ୍ରିପାଠୀ, ପୌର ଅଧିକାରୀ ଲଳିତ ନାୟକ ଉପସ୍ଥିତ ରହି ହୋଟେଲ ପ୍ରତିଷ୍ଠାନକୁ ଉଚ୍ଛେଦ କରିଥିଲେ।

ବ୍ୟବସାୟୀ ସରୋଜ ସିହ୍ନା କହିଛନ୍ତି ଯେ, ମଡେଲ ବସ୍‌ଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାରେ ତାଙ୍କ ହୋଟେଲ୍ ଚିହ୍ନଟ ହୋଇଥିଲା। ଏଥିପାଇଁ ସେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ମାମଲାର ବିଚାର କରି ପ୍ରତିଷ୍ଠାନକୁ ଭାଙ୍ଗିବା ନେଇ ୧୫ ଦିନ ରହିତାଦେଶ ଦେଇଥିଲେ। ଏଥିସହ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ପୌର ପରିଷଦକୁ ନିର୍ଦ୍ଦେଶ ହୋଇଥିଲା। ଅବଧି ଶେଷ ହୋଇଥିଲେ ବି ଥଇଥାନ କରା ନ ଯାଇ ଉଚ୍ଛେଦ କରାଯାଇଛି ବୋଲି ବ୍ୟବସାୟୀ କହିଛନ୍ତି।

### ଥଇଥାନ ପୂର୍ବରୁ ଭଙ୍ଗାଯିବା ନେଇ ଅସନ୍ତୋଷ

ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ କରାଯାଇଥିବା ତହସିଲଦାର କହିଥିଲେ। ବ୍ୟବସାୟୀଙ୍କ ଥଇଥାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ପୌର ଅଧିକାରୀ ନାୟକ ସୂଚନା ଦେଇଛନ୍ତି। ପୌର ଉପନଗରପାଳ ଦୁର୍ଗା ଚରଣ ଦଳେଇ ବ୍ୟବସାୟୀଙ୍କୁ ଆବଶ୍ୟକ ଥଇଥାନ କରିବାକୁ ପୌର ଅଧିକାରୀଙ୍କୁ କହିଥିଲେ। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଆନନ୍ଦପୁର ଥାନା ଅଧିକାରୀ ସୁଶାନ୍ତ ଦାଶ ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ।

# ‘ପୁରସ୍କାର ମହତ୍ତ୍ୱ ରଖେ, କିନ୍ତୁ ସର୍ବସ୍ୱ ନୁହେଁ’




ଅତିଥିଙ୍କ ଗହଣରେ ଗବେଷକ ବିଦ୍ୟାର୍ଥୀ।

**ଗବେଷଣା ସମ୍ମେଳନ-୨୦୨୨**

ବାଲେଶ୍ୱର ଅଫିସ,୪।୧୧

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶୁକ୍ରବାର ବିଦ୍ୟାବିଭୂଷଣ (ପିଏଚ୍‌ଡି) ପର୍ଯ୍ୟାୟର ଏକ ଗବେଷଣା ସମ୍ମେଳନ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ୧୮ଟି ବିଭାଗର ୧୬୭ ଜଣ ଗବେଷକ ବିଦ୍ୟାର୍ଥୀ ଉପସ୍ଥିତ ରହି ପୋଷ୍ଟର୍ ଜରିଆରେ ନିଜନିଜର ଗବେଷଣା ପ୍ରସଙ୍ଗର ସିଦ୍ଧାନ୍ତ ଓ ନିଷ୍କର୍ଷ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତିଟି ବିଷୟରୁ ୧୮ଜଣ ବିଷୟ ବିଶେଷଜ୍ଞ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ବାହ୍ୟ ପରୀକ୍ଷକ ରୂପେ ନିୟୋଜିତ ରହି ମୂଲ୍ୟାୟନ କରିଥିଲେ।

ଫକୀର ମୋହନ ବିଶ୍ୱବିଦ୍ୟାଳୟର ଉପ-ପରୀକ୍ଷା ନିୟନ୍ତ୍ରକ ଡ. ଗୀତାଞ୍ଜଳି ପଣ୍ଡା ଗବେଷଣା ସମ୍ମେଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତଦେଇ ମୂଲ୍ୟବୋଧ ଭିତ୍ତିକ ଗବେଷଣା କାର୍ଯ୍ୟ ସର୍ବଦା ମଣିଷର ସାମାଜିକ-ସାଂସ୍କୃତିକ ହିତ ସାଧନରେ ବ୍ୟବହୃତ ହୋଇଥାଏ ବୋଲି ପ୍ରକାଶ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରତ୍ୟେକ ବିଦ୍ୟାର୍ଥୀ ବ୍ୟକ୍ତି ପ୍ରତିଦ୍ୱନ୍ଦିତା ନ କରି ଆତ୍ମ ପ୍ରତିଦ୍ୱନ୍ଦିତା କରିବାର ପ୍ରାସଙ୍ଗିକତା ଉପଲବ୍ଧ କରିପାରିଲେ ଉନ୍ନତିର ପଥ ଉନ୍ମୋଚିତ ହୋଇପାରିବ। ଏକ ଉନ୍ନତ ମାନର ଶୈକ୍ଷିକ-ସାଂସ୍କୃତିକ ପରମ୍ପରା ସୃଷ୍ଟି କରିବା ଏହି ଗବେଷଣା ସମ୍ମେଳନର ଅନ୍ୟ ଏକ ଲକ୍ଷ୍ୟଣୀୟ ବୈଶିଷ୍ଟ୍ୟ ବୋଲି କହିବା ସହିତ ପୁରସ୍କାର ମହତ୍ତ୍ୱ ରଖେ, କିନ୍ତୁ ପୁରସ୍କାର ସର୍ବସ୍ୱ ନୁହେଁ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମେଳନର ସଂଯୋଜକ ଡ. ନିହାର ରଞ୍ଜନ ରାଉତ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, ଗବେଷଣା କାର୍ଯ୍ୟର ମାର୍ଗଦର୍ଶକ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତ୍ୟେକ ବିଷୟରୁ ଜଣେ ଜଣେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡ. ମିହିର ତନୟ ଦାସ ସଭା କାର୍ଯ୍ୟର ସଂଯୋଜନା କରିଥିବା ବେଳେ ଡ. ସୁସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ସାପ କାମୁଡ଼ାରେ ଜଣେ ମୃତ

ଭଣ୍ଡାରିପୋଖରୀ, ୪।୧୧ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବଦାଲୋ ମଡ଼ିଆଳି ପଞ୍ଚାୟତ ଖପୁରିଆପଦା ଗ୍ରାମର ନୃସିଂହ ପଣ୍ଡା ନାମକ ବ୍ୟକ୍ତିଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଗୁରୁବାର ସନ୍ଧ୍ୟାରେ ଗୁହାଳକୁ ଯାଉଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଯାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ ସୁଦ୍ଧା ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଦେଶୀ ବନ୍ଧୁକ ଜବତ, ୨ ଗିରଫ

କେନ୍ଦୁଝର/ତେଲକୋଇ, ୪।୧୧(ସ୍ୱ.ପ୍ର./ଡି.ଏନ.)

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ବିମଳା ସେକ୍ସନ ଅଞ୍ଚଳରୁ ବନ ବିଭାଗ ଦୁଇ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଦୁଇ ଜଣ ହେଲେ ପଡ଼ିଆପଶି ଗ୍ରାମର ଗୁରୁଚରଣ ନାୟକ (୫୮) ଓ ବଳଭଦ୍ରପୁର ଗ୍ରାମର ଅଖିଳ ସାହୁ (୪୫)। ଉଭୟ ଶିକାର ଉଦ୍ଦେଶ୍ୟରେ ବିମଳା ସେକ୍ସନ ଅଞ୍ଚଳରେ ବୁଲୁଥିଲେ। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶରେ ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ, ବିମଳା ଫରେଷ୍ଟ ବିଟ୍‌ର ବନକର୍ମଚାରୀ ଚଢ଼ାଉ କରି ଦୁଇଟି ବନ୍ଧୁକ ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ପବିତ୍ର



@ଜୟନ୍ତ



@ଉମେଶ



@ପ୍ରଶାନ୍ତ



@ସରୋଜ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଦୃଷ୍ଟିବାଧିତଙ୍କ ବିବାହ କରାଇଲେ

**ଜିଲା ସୂଚନା ଅଧିକାର ଅଭିଯାନର ପ୍ରୟାସ**

**ବାରିପଦା ଅଫିସ,୪।୧୧:** ଓଡ଼ିଶା ସୂଚନା ଅଧିକାର ଅଭିଯାନ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ନିଆରା ବିବାହ କାର୍ଯ୍ୟ ଶୁକ୍ରବାର ସମ୍ପର୍ଣ୍ଣ କରାଯାଇଛି। ଜଣେ ଶତ ପ୍ରତିଶତ ଦୃଷ୍ଟି ବାଧିତଙ୍କ ସହ ମାତୃ ପିତୃହରା ଅସହାୟ ଯୁବତୀଙ୍କ ବିବାହ କରାଇଛନ୍ତି। ଉକ୍ତ ବିବାହ କାର୍ଯ୍ୟ ବାରିପଦା ସ୍ଥିତ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ୍ ଅନ୍ତର୍ଗତ ଅଁଳାକୁଡ଼ା ପଞ୍ଚାୟତ ଧଡ଼ାଙ୍ଗିରି ଗ୍ରାମର ଦୃଷ୍ଟି ବାଧିତ ଦେବୀ ବେସ୍ରାଙ୍କ ସହିତ ସରଗଛିଡ଼ା ଗ୍ରାମର ଅସହାୟ ଯୁବତୀ ସୁକୁଲ କିସ୍କୁଙ୍କ ସହିତ ଆଇନଗତ ପ୍ରକ୍ରିୟାରେ ବିବାହ ସମ୍ପନ୍ନ ହୋଇଥିଲା। ଦେବୀ ଜଣେ ରାଜ୍ୟସ୍ତରୀୟ ଖେଳାଳି ଅଟନ୍ତି। ରାଜ୍ୟସ୍ତରୀୟ କ୍ରୀଡ଼ା ପୁରସ୍କାର ମଧ ସେ ହାସଲ କରିଛନ୍ତି। ବିବାହ କାର୍ଯ୍ୟରେ ଅନ୍ୟମାନଙ୍କ ମଧ୍ୟରେ ଆଡ୍‌ଭୋକେଟ ମନୋଜ ପତି, ଚକ୍ରଧର ସାହୁ, ମହେଶ୍ୱର ମହାନ୍ତି, ଦୟାନିଧି ମହାନ୍ତ, ତରଙ୍ଗିନୀ ଭୋଇ, ସଂଯୁକ୍ତା ମହାନ୍ତ, କର ବେସ୍ରା ଉପସ୍ଥିତ ଥିଲେ। ଓଡିଶା ସୂଚନା ଅଧିକାର ଅଭିଯାନର ସମସ୍ତ କର୍ମକର୍ତ୍ତାଙ୍କୁ ନବ ଦମ୍ପତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଅନ୍ୟପଟେ ଦୃଷ୍ଟି ବାଧିତ ସହିତ ଅସହାୟଙ୍କ ବିବାହକୁ ନେଇ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ରାଶି ପ୍ରଦାନ ନେଇ ନିବେଦନ କରିଛନ୍ତି।

# ଝାଟିପଡ଼ା ବିଦ୍ୟାଳୟରୁ ଚୋରି

ପାଟଣା,୪।୧୧(ସ୍ୱ.ପ୍ର.):କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ଝାଟିପଡ଼ା ପ୍ରାଥମିକ ବିଦ୍ୟାଳୟରୁ ଗୁରୁବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ବିଦ୍ୟାଳୟ ଷ୍ଟୋର ରୁମ୍‌ର ଚାବି ଭାଙ୍ଗି ମଧ୍ୟାହ୍ନ ଭୋଜନ ପାଇଁ ଥିବା ରୋଷେଇ ସାମଗ୍ରୀ, ୨ଟି ଡିସ, ୨ କଡ଼େଇ, ୩ ବାଲଟି ନେଇ ଯାଇଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ମହାନ୍ତ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ପାଟଣା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଇଭିଏମ୍ ପାଇଁ ରାତି ଅନିଦ୍ରା

ଭଦ୍ରକ ଅଫିସ, ୪।୧୧

ଧାମନଗର ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ପରେ ସମସ୍ତ ଇଭିଏମ୍ ଓ ଭିଭିପାଟ୍‌କୁ ଅଣାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଷ୍ଟ୍ରଙ୍ଗରୁମ୍‌ରେ ପୋଲିସର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ସିସିଟିଭି ମାଧ୍ୟମରେ ଷ୍ଟ୍ରଙ୍ଗରୁମ୍ ଭିତର ଦୃଶ୍ୟକୁ ଏଲ୍‌ଇଡିରେ ବାହାରକୁ ପ୍ରଦର୍ଶନ କରାଯାଇଛି। ପ୍ରାର୍ଥୀଙ୍କ ସମର୍ଥକମାନେ ଗୁରୁବାର ରାତିଠାରୁ ଏଲ୍‌ଇଡି ସାମ୍ନାରେ ରାତି ଅନିଦ୍ରା ହୋଇ ପହରା ଦେଉଥିବା ଦେଖାଯାଇଛି। ଷ୍ଟ୍ରଙ୍ଗରୁମ୍ ଆଗରେ ସଶସ୍ତ୍ର ପୋଲିସ ବାହିନୀ ଦିବାରାତ୍ର ମୁତୟନ ରହିଛନ୍ତି। ଅଗ୍ନି ନିର୍ବାପନ ପାଇଁ ଦମକଳ ବାହିନୀ ମୁତୟନ ରହିଥିବା ବେଳେ ବାଲିବସ୍ତା ମହଜୁଦ ରଖାଯାଇଛି।



ଷ୍ଟ୍ରଙ୍ଗ୍‌ରୁମ୍ ସାମ୍ନାରେ ମୁତୟନ ରହିଛନ୍ତି ପୋଲିସ।

# ଅସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

ସାରସକଣା,୪।୧୧(ଡି.ଏନ.ଏ.)

■ରାଜାଲୋକାରେ ସ୍ଥାୟୀ କେନ୍ଦ୍ର ନାହିଁ
■ଗଛ ତଳେ ବସି ପଢ଼ିଲେ ପିଲା

୪ବର୍ଷ ହେଲା ଗ୍ରାମରେ ସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ର ନାହିଁ। ଏକ କ୍ଲବ ଗୃହକୁ ଅସ୍ଥାୟୀ ଅଙ୍ଗନୱାଡ଼ି ରୂପେ ବ୍ୟବହାର କରି ପିଲାଙ୍କୁ ପଢ଼ାଯାଉଛି। ନୂତନ କେନ୍ଦ୍ର ନିର୍ମାଣ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଅସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ଫଳରେ ପିଲାମାନଙ୍କୁ ଗଛ ତଳେ ବସି ପଢ଼ିବାକୁ ପଡ଼ିଛି। ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ରାଜାଲୋକା ଗ୍ରାମରେ ଶୁକ୍ରବାର ଏଭଳି ଘଟଣା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ୨୦୧୮ ଏପ୍ରିଲରେ ଗ୍ରାମରେ ଥିବା ପୁରାତନ ଅଙ୍ଗନୱାଡ଼ି କେନ୍ଦ୍ରର ଛାତ ଖସିପଡ଼ିବାରୁ ଉକ୍ତ ଗୃହକୁ ଅଚଳ କରିଦିଆଯାଇଥିଲା। ସେବେଠାରୁ ଏଠାରେ ସ୍ଥାୟୀ ଅଙ୍ଗନୱାଡ଼ି ଗୃହ ନାହିଁ। ଗ୍ରାମର ଏକ କ୍ଲବ ଘରକୁ ଅସ୍ଥାୟୀ ଭାବେ ଅଙ୍ଗନୱାଡ଼ି କେନ୍ଦ୍ର ରୂପେ ବ୍ୟବହାର କରିବାକୁ ଗ୍ରାମବାସୀଙ୍କ ଅନୁମୋଦନ କ୍ରମେ ଦିଆଯାଇଥିଲା। ଗ୍ରାମବାସୀଙ୍କ କହିବା ମୁତାବକ ୬ ମାସ ପାଇଁ କ୍ଲବ ଘରକୁ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇ ୪ ବର୍ଷ ପରେ ବି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନେ ତାଲା ପକାଇ ଦେଇଛନ୍ତି। ରାଜାଲୋକା ସରପଞ୍ଚ ରବିକାନ୍ତ ସିଂ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି କ୍ଲବ ଗୃହ ଛାତ ଫାଟି ଯାଇଥିବାରୁ ବିପଦସଙ୍କୁଳ ଥିବା କହିଥିଲେ। ଅସ୍ଥାୟୀ ଭାବେ ପଞ୍ଚାୟତ ଗୃହକୁ ବ୍ୟବହାର କରିବାକୁ ସରପଞ୍ଚ କହିଥିଲେ ମଧ ଗ୍ରାମଠାରୁ ଦୂର ହେଉଥିବାରୁ ପିଲାମାନଙ୍କ ଯାତାୟାତରେ ଅସୁବିଧା ହେବ ବୋଲି ପ୍ରକାଶ କରିଥିଲେ ୱାର୍ଡସଭ୍ୟ ଯାଜ୍ଞସିନୀ ପ୍ରତିହାରୀ। ଏନେଇ ସିଡିପିଓ ଭାନୁମତୀ ବେହେରା କହିଛନ୍ତି, ଉକ୍ତ ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଅନେକ ଥର ବିଡିଓଙ୍କୁ ଜଣାଇବା ସହ ଚିଠି ଜରିଆରେ ଜିଲାପାଳ ଓ ଜିଲା କଲ୍ୟାଣ ଅଧିକାରୀଙ୍କୁ ଜଣାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେବେ ଶନିବାରଠାରୁ ଅସ୍ଥାୟୀ ଭାବେ ଗ୍ରାମର ଏକ ଘରକୁ ଭଡ଼ାସୂତ୍ରରେ ନିଆଯାଇ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିବ। ଜିଲା ପ୍ରଶାସନ ସହ ଆଲୋଚନା କରି ନୂତନ କେନ୍ଦ୍ର ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।



ରାଜାଲୋକା ଗ୍ରାମରେ ଅସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ର ବାହାରେ ଛାତ୍ରୀଛାତ୍ର ଗଛ ତଳେ ବସି ପଢୁଛନ୍ତି।

